## ଶିକ୍ଷାବିତ୍ ମଧୁସୂଦନଙ୍କ ସ୍ମୃତିଚାରଣ

ଭଦ୍ରକ ଅଫିସ, ୨୦।୧

ପୁରୁଣାବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ ପ୍ରାଙ୍ଗଣରେ ପୂର୍ବତନ ପ୍ରଧାନ ଶିକ୍ଷକ ମଧୁସୂଦନ ଜେନାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକ ଓ ତାଙ୍କ ପତ୍ନୀ ସେବତୀ ଜେନାଙ୍କ ତ୍ରୟୋଦଶାହ ଉତ୍ସବ ପାଳିତ ହୋଇଯାଇଛି। ସ୍ମୃତି କମିଟି ଅଧ୍ୟକ୍ଷ ସାମାଜିକ କର୍ମୀ ହାଜିମହମ୍ମଦ ଅବଦୁଲ ବାରି ସଭାପତିତ୍ୱ କରିଥିଲେ। ଅଧିବକ୍ତା ନିରାକାର ଜେନା ସ୍ମୃତିଚାରଣ କରିଥିଲେ। ପୂର୍ବତନ ଶିକ୍ଷକ ହରେକୃଷ୍ଣ ସାହୁ ଏବଂ ହରିହର ସାହୁ ଗତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ନସ୍‌ରିନ ବାନୋଙ୍କୁ ସମ୍ମାନିତ କରିଥିଲେ। ଦେବେନ୍ଦ୍ର ସ୍ୱାଇଁ, ଶାନ୍ତନୁ କୁମାର ରାଉତ, ଲଲାଟେନ୍ଦୁ ମହାନ୍ତି, ଅଜୟ ନାୟକ ଓ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ସରକାରଙ୍କୁ ଚୁଡ଼ି ପଠେଇଲା ଭାଜପା ମହିଳା ମୋର୍ଚ୍ଚା

ଭଦ୍ରକ ଅଫିସ/ବାସୁଦେବପୁର, ୨୦।୧ (ଡି.ଏନ.ଏ.)

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଚୁଡି ସଂଗ୍ରହ କରାଯାଇ ଡାକ ଯୋଗେ ସରକାରଙ୍କ ନିକଟକୁ ପଠାଯାଇଛି। ବେବିନା ଗଣବଳାତ୍କାର ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ୍ୟାୟ ଦାବିରେ ବିଭିନ୍ନ ବ୍ଲକର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଚୁଡ଼ି ସଂଗ୍ରହ ଅଭିଯାନର ଶେଷ ପର୍ଯ୍ୟାୟରେ ଶନିବାର ଭଦ୍ରକ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ଚୁଡି ସଂଗ୍ରହ କରାଯାଇଥିଲା। ଶନିବାର ଭାଜପା ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆଙ୍କ ନେତୃତ୍ୱରେ ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଠିକଣାରେ ସଂଗୃହୀତ ଚୁଡିକୁ ପଠାଯାଇଛି। ମହିଳା ମୋର୍ଚ୍ଚାର କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲା ମୁଖ୍ୟ ଡାକଘରେ ପହଞ୍ଚିଥିଲେ। ସଭାନେତ୍ରୀ ଖୁଣ୍ଟିଆଙ୍କ ସହିତ ଉମାମଣି ସାହୁ, ପୁଷ୍ପାଞ୍ଜଳି ବେହେରା, ତପସ୍ୱିନୀ ମହାପାତ୍ର, ନାଗେଶ୍ୱରୀ ଖୁଣ୍ଟିଆ, ସ୍ୱାଗତିକା ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ସେହିଭଳି ବାସୁଦେବପୁର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲା ସମ୍ପାଦିକା ମନ୍ଦାକିନୀ ଜେନାଙ୍କ ନେତୃତ୍ୱରେ ଚୁଡ଼ି ଶୋଭାଯାତ୍ରା କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ପ୍ରଭାରୀ ଅମ୍ବିକା ପ୍ରସନ୍ନ ଦାଶ, ମଣ୍ଡଳ ସଭାପତି ସନ୍ତୋଷ ମହାରଣା, ନିର୍ମଳ ପଣ୍ଡା, ମୁକ୍ତିକାନ୍ତ ନାୟକଙ୍କ ଉପସ୍ଥିତିରେ ଶତାଧିକ ମହିଳା ହାତରେ ଚୁଡି ଧରି ମହିଳା ଓ ଛାତ୍ରୀଙ୍କୁ ରାଜ୍ୟ ସରକାର ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସେମାନେ ବାସୁଦେବପୁର ଡାକଘର ନିକଟରେ ପହଞ୍ଚିଥିଲେ। ଡାକ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଉକ୍ତ ଚୁଡି ରେଜିଷ୍ଟ୍ରି କରି ପଠାଯାଇଥିଲା। ନଗର ସଭାନେତ୍ରୀ ମିନତିଲତା ବେହେରା, କଳ୍ପଲତା ମହାକୁଡ, ମାଧବୀଲତା ରାଉଳଙ୍କ ସମେତ ସଞ୍ଜୟ ପାତ୍ର, ଭରତ ମିଶ୍ର ଓ ଯୁବନେତା ଅଶୋକ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ, ୨୦।୧ (ଡି.ଏନ.ଏ.)

ବନ୍ତ ବ୍ଲକ ଗୋପାଳପୁର ସରକାରୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀଧର ପଣ୍ଡା ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସୁରଥ ସାହୁ, ପୂର୍ବତନ ସିଆର୍‌ସିସି ନରେନ୍ଦ୍ର ବାରିକ, ଅଭୟ ପ୍ରଧାନ, ସାଧନକେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷକ ରମାକାନ୍ତ ରାଉତ, ଭାନୁମତୀ ମିଶ୍ର, ଛୟାଳିସିଂ ସରପଞ୍ଚ ଚିନ୍ତାମଣି ଘଡେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ପ୍ରଦାନ ଓ କବି ଗୌତମ ମହରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ହୃଷୀକେଶ ଗିରିଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର କୁମାର ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାସନ୍ତୀଲତା ପ୍ରଧାନ, ସୁଭଦ୍ରା ଦାସ, ମାନସ ରଞ୍ଜନ ସେଠୀ, ଶାନ୍ତିଲତା ଖିଲାର, ୱାର୍ଡସଭ୍ୟ ବିଦ୍ୟାଧର ଜେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟ ସହଯୋଗ କରିଥିଲେ।

■ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

## ଯୁକ୍ତ ୨ର ମାନସ ଓ ବର୍ଷାରାଣୀ, ଯୁକ୍ତ ୩ର ରାଜେଶ ଚାମ୍ପିୟନ

ତିହିଡ଼ି, ୨୦।୧ (ଡି.ଏନ.ଏ.)

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୪୦ଟି ବିଭାଗ ପ୍ରତିଯୋଗିତାରେ ଯୁକ୍ତ ୨ ଓ ୩ରୁ ମୋଟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୨ ବାଳକ ବିଭାଗରୁ ମାନସ ପୁହାଣ ଓ ବାଳିକା ବିଭାଗରୁ ବର୍ଷାରାଣୀ ଜେନା ଏବଂ ଯୁକ୍ତ ୩ର ରାଜେଶ କୁମାର ନାୟକଙ୍କୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ଅଧ୍ୟକ୍ଷ ପ୍ରାଧ୍ୟାପକ କମଳାକାନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ୩୬ତମ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସ୍ୱର୍ଣ୍ଣପଦକପ୍ରାପ୍ତ ଅଲିମ୍ପିଆନ ଗୋପାଳକୃଷ୍ଣ ମହାପାତ୍ର ଯୋଗଦେଇ ଶରୀର ସୁସ୍ଥ ରହିବା ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରାଧ୍ୟାପକ ଡ. ଅଜିଜୁର ରହେମାନ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୋମନାଥ ମିଶ୍ର, ପ୍ରଭାତ ଜେନା ଓ ରେବତୀ ନାଥ ପ୍ରମୁଖ ପରିଚାଳନା କରିଥିଲେ। ସଂସଦ ଉପସଭାପତି ପ୍ରାଧ୍ୟାପିକା ଅରୁନ୍ଧତି ସେନାପତି ସ୍ୱାଗତ ଭାଷଣ ଓ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ବୁଲୁ ମହାନ୍ତିଙ୍କ ସଞ୍ଚାଳନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା। ସଂସଦର ଅନ୍ୟତମ ଉପସଭାପତି ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଣ୍ଡା, ଡେମୋନଷ୍ଟ୍ରେଟର ରଶ୍ମିରଞ୍ଜନ ବେହେରା ଓ ସୁଧାଂଶୁ ଶେଖର ସାହୁ ସହାୟତା ପ୍ରଦାନ କରିଥିଲେ। ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅଧ୍ୟାପିକାମାନଙ୍କୁ ନେଇ ମ୍ୟୁଜିକ୍ ଚେୟାର ଓ ଅଧ୍ୟାପକଙ୍କୁ ନେଇ ୧୦୦ ମିଟର ଦୌଡ଼ ପ୍ରତିଯୋଗିତା ବେଶ୍ ଉପଭୋଗ୍ୟ ହୋଇଥିଲା। ମ୍ୟୁଜିକ୍ ଚେୟାରରେ ଅଧ୍ୟାପିକା ଗୀତାଞ୍ଜଳି ସୁତାର ଓ ଦୌଡ଼ରେ ଡିଇଓ ଚିତ୍ତରଞ୍ଜନ ନାୟକ ପ୍ରଥମ ସ୍ଥାନ ହାସଲ କରିଥିଲେ। ସଂସଦର ଉପସଭାପତି ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାସ୍ତାରୋକୋକୁ ନେଇ ଥାନାରେ ମାମଲା

ବଡ଼ସାହି, ୨୦।୧(ସ୍ୱ.ପ୍ର.)

ବଡସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତ ପିଠା କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ରାଶି ନ ମିଳିବା ପ୍ରତିବାଦରେ ଶନିବାର ରାସ୍ତା ଅବରୋଧ କରିଥିଲେ । ଏହାକୁ ନେଇ ବଡ଼ସାହି ଥାନାରେ ଏକ ମାମଲା (ନଂ. ୧୩/୧୯) ଶତାଧିକ ମହିଳାଙ୍କ ନାମରେ ରୁଜୁ ହୋଇଛି ।

## ମୟୂରୀ ରୟାଲସ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବାରିପଦା ଅଫିସ,୨୦।୧: ବାରିପଦା ଷ୍ଟେଶନ ଖେଳ ପଡିଆରେ ମୟୂରୀ ରୟାଲସ ପ୍ରିମିୟର ଲିଗର ଚତୁର୍ଥ ସଂସ୍କରଣ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ସାମାଜିକ କର୍ମୀ ଗିରିଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଏବଂ ସାମଜିକ କର୍ମୀ ସବି ଦ୍ୱିବେଦୀ, କାଉନସିଲର ସରୋଜ ମହାପାତ୍ର, କାଉନସିଲର ଦେବାଶିଷ ପାତ୍ର, ଜେଏମଏମ ରାଜ୍ୟ ମୁଖପାତ୍ର ନିମାଇଁ ଚରଣ ତ୍ରିପାଠୀ, ଶିବ ଶଙ୍କର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଛି। ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମ ମ୍ୟାଚ୍‌କୁ ଦେବାଶିଷ ଗୁପ୍ତା ଓ ଅମିତ ବିଶ୍ୱାସ ପରିଚାଳନା କରିଥିବା ବେଳେ ରାଜେଶ ସାହୁ ରେଫରି ଭାବେ ଦାୟୀତ୍ୱ ନିର୍ବାହ କରିଥିଲେ। ସେହିପରି ରାମେଶ୍ୱର ମାଝୀ, ସରୋଜ ରାଉତ, ଅରବିନ୍ଦ ରାୟ, ରାଜେଶ ମହାନ୍ତି, ତାପସ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଷ୍ଠାତା ଲକ୍ଷ୍ମୀଧରଙ୍କ ଶ୍ରାଦ୍ଧବାର୍ଷିକୀ

ଚାନ୍ଦବାଲି, ୨୦।୧ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ମତୋ ରଘୁନାଥ ରାୟ ମଧ୍ୟଇଂରାଜୀ ବିଦ୍ୟାଳୟ, ମତୋ ହାଇସ୍କୁଲ ସମେତ କେତେକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଲକ୍ଷ୍ମୀଧର ସାହୁଙ୍କ ୧୯ତମ ଶ୍ରାଦ୍ଧ ବାର୍ଷିକୀ ଶନିବାର ମତୋ ନୋଡାଲ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଲକ୍ଷ୍ମୀଧର ସାହୁ ସ୍ମୃତି ପରିଷଦର ସଭାପତି ପଞ୍ଚାନନ ପଲାଇ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ବୈଷ୍ଣବ ଚରଣ ସିଂ, ପରିକ୍ଷିତ ମିଶ୍ର, ସାଧୁଚରଣ ନାୟକ, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁମୋହନ ମହାପାତ୍ର, କୃପାସିନ୍ଧୁ ପାଣିଗ୍ରାହୀ ଓ ଅଧ୍ୟାପକ ବିଭୁତି ବିଶ୍ୱାଳଙ୍କୁ ସ୍ମୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ଗୟାଧର ସାହୁ, କମଳାକାନ୍ତ ମହାନ୍ତି, ସୁବାସ ମଲ୍ଲଙ୍କୁ ମତୋ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଲଳିତା ଶିବଶଙ୍କର ଉଚ୍ଚ ମାଧ୍ୟମିକ ସ୍କୁଲ ପରିସରରେ ଲକ୍ଷ୍ମୀଧର ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଅଧ୍ୟକ୍ଷ ଗୋଲକ ବିହାରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ବ୍ୟୋମକେଶ ରାୟ ଓ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## କେନ୍ଦ୍ରୀୟ ଅବହେଳା ବିରୋଧରେ ଛାତ୍ର ବିଜେଡିର ବିକ୍ଷୋଭ ଆଜି

ଭଦ୍ରକ ଅଫିସ, ୨୦।୧


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଛାତ୍ର ବିଜେଡି ନେତୃବୃନ୍ଦ।

କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ରଣହୁଙ୍କାର ଦେବ ଛାତ୍ର ବିଜେଡି। ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଅନୁଦାନ ବନ୍ଦ କରି କେନ୍ଦ୍ର ସରକାର ରାଜ୍ୟର ୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବାରୁ ରାଜ୍ୟ ଛାତ୍ର ବିଜେଡି ଏହାକୁ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ରବିବାର ବିଜେଡିର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରାଯାଇଥିଲା। ଆସନ୍ତା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ଛାତ୍ର ବିଜେଡିର ଜିଲା ସଭାପତି ଦୁର୍ଗା ଦାସ ସ୍ପଷ୍ଟ କରିଛନ୍ତି। ପୂର୍ବତନ କାଉନସିଲର ପ୍ରବୀର ଜେନା, ରାକେଶ ପଣ୍ଡା, ତଥାଗତ ସାମଲ, ଭାରତ ବିଜୟ ଦଳେଇ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କେନ୍ଦ୍ର ବିରୋଧୀ ମନ୍ତବ୍ୟ ଦେଇଥିଲେ।

## ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା

ଭଦ୍ରକ ଅଫିସ, ୨୦।୧

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରୋଟାରି କ୍ଲବ ମିଡ୍ ଟାଉନ ପକ୍ଷରୁ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ଭଦ୍ରକ ଜିଲା ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଲିଖିତ ଓ ମୌଖିକ ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଜିଲାର ୨୦ ବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେଇଥିଲେ। କୁଇଜ ମାଷ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ବେହେରା, ଜିଲା ସ୍କୁଲ ଶିକ୍ଷକ ଅଶୋକ ଶତପଥୀ, ସମରେନ୍ଦ୍ର ମିଶ୍ର ଓ ରତିକାନ୍ତ ବେହେରା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସେଣ୍ଟ ଜାଭିୟର ସ୍କୁଲ ୧ମ, ଦୁର୍ଗାପ୍ରସାଦ ସରାଫ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ୨ୟ ଓ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ବିଦ୍ୟାମନ୍ଦିର ୨ୟ ସ୍ଥାନ ହାସଲ କରିଛି। କ୍ଲବର ଶିଶିର ମିଶ୍ର, ଅତିସ ବେହେରା, ରତନ ଗୁପ୍ତା, ସନାତନ ଜେନା, ଅମିତ ମଲ୍ଲିକ, ପବିତ୍ର ଖିଲାର, ରାହୁଲ ଖେରିଆ, ଅଶୋକ ଲାଖାନୀ, ସବିତା ମିଶ୍ର, ସିଲୁ ଲାଖାନୀ, ଚୈତାଳୀ ଖିଲାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ଅଞ୍ଜୁ ଗୁପ୍ତା ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ବାଲେଶ୍ୱର ସମ୍ରାଟ ଚାମ୍ପିୟନ

ତିହିଡ଼ି, ୨୦।୧ (ଡି.ଏନ.ଏ.): ତିହିଡ଼ି କାଳୀପଡ଼ିଆରେ ଚାଲିଥିବା ଚେତନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ୪୨ ରନ୍‌ରେ ଭଦ୍ରକ ସାଲନ୍ଦୀ ଟିମ୍‌କୁ ହରାଇ ବାଲେଶ୍ୱର ସମ୍ରାଟ ଟିମ୍ ଚାମ୍ପିୟନ ହୋଇଛି। ସମ୍ରାଟ ଟିମ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ସାଲନ୍ଦୀ ଟିମ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ଦିଲୀପ ମହାନ୍ତି ଓ ଏସ୍.କେ ପପା ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଶିକ୍ଷାବିତ୍ ସୋମନାଥ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସଅପ୍‌କୁ କପ୍ ପ୍ରଦାନ କରିଥିଲେ। ଗିରିଜା ରମଣ ଜେନା, ପ୍ରଭାତ ଜେନା, ବିବେକାନନ୍ଦ ନାୟକ, ପ୍ରଦୀପ ଜେନା, ମନୋଜ ଦାସ ଓ ବାପି ଜେନା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

### ରକ୍ତଦାନ ଶିବିର

ଚାନ୍ଦବାଲି, ୨୦।୧ (ଡି.ଏନ.ଏ.): କରଞ୍ଜମାଳର ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଡା. ଜନ୍ମେଞ୍ଜୟ ବେହେରା ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ବ୍ଲଡବ୍ୟାଙ୍କର ଡା. ସାଧୁସୂଦନ ବେହେରା, ପ୍ରକାଶ ରାଉତ, ରତିକାନ୍ତ ଭଳ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ନୋଡାଲ ଏନ୍‌ଜିଓର ନିତ୍ୟାନନ୍ଦ ପ୍ରଧାନ, ନେତାଜୀ ଯୁବକ ସଂଘ ସମ୍ପାଦକ ରମେଶ ବାରିକ, ସଭାପତି ଭାଗୀରଥି ସୂତାର, ପ୍ରମୋଦ ନାୟକ, ଜଗବନ୍ଧୁ ମାଝୀ, ଅର୍ଜୁନ ଦାସ, ତପନ ନାୟକ ଓ କିଶୋର ମାଝି ପ୍ରମୁଖ ସହଯୋଗ କରିଥିଲେ।

# ‘ପିଠା’ କାର୍ଯ୍ୟକ୍ରମକୁ ବିରୋଧ

## ଗାଁ ମୁଣ୍ଡରେ ବାଟ ଓଗାଳିଲେ ଜନପ୍ରତିନିଧି, ଗ୍ରାମବାସୀ

ଭଦ୍ରକ ଅଫିସ, ୨୦।୧

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଚଣ୍ଡିଗାଁ ପଞ୍ଚାୟତ କ୍ଷୀରସାହି ପଡ଼ିଆରେ ରବିବାର ୨ୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଓ ସମିତିସଭ୍ୟଙ୍କୁ ଡକାଯାଇ ନ ଥିବାରୁ ଗ୍ରାମବାସୀଙ୍କ ସମେତ ଏହି ଜନପ୍ରତିନିଧିମାନେ କାର୍ଯ୍ୟକ୍ରମକୁ ବିରୋଧ କରି ସଭାସ୍ଥଳକୁ ଯାଇ ନ ଥିଲେ। କ୍ଷୀରସାହି ଗାଁ ମୁଣ୍ଡରେ ସରପଞ୍ଚ ସଞ୍ଜୁଲତା ମହାକୁଡ ଓ ସମିତିସଭ୍ୟ ଇଂ. ପ୍ରିୟବ୍ରତ ନାୟକଙ୍କୁ ସମର୍ଥନ ଜଣାଇ ଶତାଧିକ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ଅଧିକାରୀଙ୍କ ବାଟ ଓଗାଳିଥିଲେ। ସେମାନେ ବ୍ଲକ



ବିଭାଗୀୟ ଅଧିକାରୀଙ୍କୁ ଗାଁ ମୁଣ୍ଡରେ ବିରୋଧ କରାଯାଉଛି।

ଅଧ୍ୟକ୍ଷ ରଘୁନାଥ ଧଳ, ଅତିରିକ୍ତ ବିଡିଓ ବୀରେନ୍ଦ୍ର କୁମାର ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶେଖ୍ ତାଜୁଉଦ୍ଦିନ ଓ ଅଙ୍ଗନୱାଡି ସୁପରଭାଇଜରଙ୍କ ଗାଡ଼ିକୁ ରାସ୍ତାରେ ଅଟକାଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବରୁ ଉପସ୍ଥିତ ଥିବା ଗ୍ରାମାଞ୍ଚଳ ଥାନା ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଅଧିକାରୀମାନଙ୍କୁ ସୁରକ୍ଷା ମଧ୍ୟରେ ସଭାସ୍ଥଳକୁ ନେଇଥିଲା। ଏଥିରୁ ପିଠା କାର୍ଯ୍ୟକ୍ରମକୁ ନେଇ ପଞ୍ଚାୟତରେ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ଥିବା କନ୍ଦଳ ପଦାରେ ପଡ଼ିଛି। କ୍ଷୀରସାହି ଗାଁ ନିକଟ ପଡ଼ିଆରେ ସରକାରୀ ଭାବେ ଅଳ୍ପ ସଂଖ୍ୟକ ଲୋକଙ୍କୁ ନେଇ ପିଠା କାର୍ଯ୍ୟକ୍ରମ ଜେନତେନ ପ୍ରକାର ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ହିମାଂଶୁ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ଧଳ, ଜିଲା ପରିଷଦ ସଭ୍ୟ ସୁକାନ୍ତି ନାୟକ, ସରୋଜ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଟିପ୍ପଣୀ ରଖିଥିଲେ।

## କୋଲକାତା ତଟରକ୍ଷୀଙ୍କୁ ଭଦ୍ରକରେ ସ୍ୱାଗତ

ଭଦ୍ରକ ଅଫିସ, ୨୦।୧

କୋଲକାତାରୁ ତଟରକ୍ଷୀ ବାହିନୀର ଏକ ଶୋଭାଯାତ୍ରାକାରୀ ଦଳ ଶନିବାର ଭଦ୍ରକରେ ପହଞ୍ଚିଥିଲେ। ତଟରକ୍ଷୀମାନଙ୍କୁ ତଟରକ୍ଷଣମୂଳକ ସଚେତନତା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ ସହ ତଟରକ୍ଷା କ୍ଷେତ୍ରରେ କେତେକ ମୌଳିକ କୌଶଳ ଶିକ୍ଷା ପ୍ରଦାନ କରିବା ଆଦି କାର୍ଯ୍ୟକ୍ରମ ହାତକୁ ନେଇ ଏକ ଶୋଭାଯାତ୍ରାକାରୀ ଦଳ କୋଲକାତାରୁ ବାହାରି ପାରାଦୀପ ଯାଉଛନ୍ତି। ହିରୋ ମୋଟୋକର୍ପ ପ୍ରାୟୋଜନରେ ହିରୋ ଏକ୍ସଟ୍ରିମ୍ ୨୦୦ଆର୍‌ର ପ୍ରଚାର ପ୍ରସାର ପାଇଁ ତଟରକ୍ଷୀ ବାହିନୀର ଏହି ବାଇକ୍ ଶୋଭାଯାତ୍ରା କୋଲକାତାରୁ ଡେପୁଟି କମାଣ୍ଡାଣ୍ଟ ଅଙ୍କିତ ମଲହୋତ୍ରାଙ୍କ ନେତୃତ୍ୱରେ ବାହାରିଥିବା କୁହାଯାଇଛି। ଶନିବାର ଚରମ୍ପାସ୍ଥିତ ସଞ୍ଜୀବ ହିରୋଠାରେ ସଞ୍ଜୀବ ହିରୋର ଡାଇରେକ୍ଟର ଯୁବନେତା ସଞ୍ଜୀବ ମଲ୍ଲିକ ସେମାନଙ୍କୁ ସ୍ୱାଗତ କରିଥିଲେ। ଆସୋସିଏଟ ଡାଇରେକ୍ଟର ପ୍ରୀତିରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ସଞ୍ଜୀବ ହିରୋର କର୍ମଚାରୀମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ଏହି ଦଳ ପାରାଦୀପ ଅଭିମୁଖେ ଯାତ୍ରା କରିଥିଲା।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଚାନ୍ଦବାଲି, ୨୦।୧ (ଡି.ଏନ.ଏ.) : ଚାନ୍ଦବାଲି ଦାଖା ହାଇସ୍କୁଲର ୧୯୬୮ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଚିଲିକାର ବରକୁଲ ଅତିଥି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅନୁଭୂତିର ସ୍ମୃତିଚାରଣ ସହ ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ଚାନ୍ଦବାଲିରେ ଏକ ପାଠ୍ୟ କାର୍ଯ୍ୟକ୍ରମ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ରମେଶ ଚନ୍ଦ୍ର ରାଉତ, କୀରିଟ୍ ଭୂଷଣ ଦାସ, ଗଣେଶ ପ୍ରସାଦ ସାହୁ, ଦେବବ୍ରତ ପଢ଼ିହାରୀ ଓ ଲକ୍ଷ୍ମୀନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ■ ଜଗବନ୍ଧୁ ମେମୋରିଆଲ ଫୁଟବଲ ଉଦ୍‌ଯାପିତ

## କଟକ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

ବାସୁଦେବପୁର, ୨୦।୧ (ଡି.ଏନ.ଏ.): ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଏବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୨-୦ ଗୋଲ୍‌ରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ଓ ଖୋର୍ଦ୍ଧା ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହୋଇଥିଲା। ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦର ଖେଳ ପ୍ରଦର୍ଶନ କରି ବିପକ୍ଷ ଦଳକୁ ୨ଟି ଗୋଲ୍ ଦେଇଥିଲା। ଶେଷ ପର୍ଯ୍ୟନ୍ତ ଉତ୍କଳ ସ୍ପୋର୍ଟିଂ ଗୋଟିଏ ବି ଗୋଲ୍ ପରିଶୋଧ କରିପାରି ନ ଥିଲା। ଶେଷରେ ୨-୦ ଗୋଲ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଥିଲା।

ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ବିଜୟ କୁମାର ମଲିକ ଯୋଗଦେଇ ବିଜୟୀ ସ୍ପୋର୍ଟ୍ସ ହଷ୍ଟେଲ ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କାର ଚେକ୍ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଯୋଗଦେଇ ରନର୍ସଅପ୍ ଉତ୍କଳ ସ୍ପୋର୍ଟିଂ ଟିମ୍‌କୁ କପ୍ ସହିତ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ରୀଡ଼ା ପ୍ରଶିକ୍ଷକ ମହମ୍ମଦ ଆବିଦ ଯୋଗ ଦେଇଥିଲେ। କ୍ଲବ ଉପଦେଷ୍ଟା ଦୁଃଶାସନ



ବିଜୟୀ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

ରାଉତ ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାପତି ଗଗନ ବିହାରୀ ମହାନ୍ତି ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଖଗେଶ୍ୱର ଜେନା ବିବରଣୀ ପାଠ କରିଥିଲେ। ସ୍ପୋର୍ଟ୍ସ ହଷ୍ଟେଲ ଟିମ୍ ଖେଳାଳି ଜୟସିଂ ଗାଗରିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଗୋଲକିପର ଭାବେ ଖୋର୍ଦ୍ଧା ଟିମ୍‌ର ଶିଶିର ନାୟକଙ୍କୁ ସାମାଜିକ କର୍ମୀ ବିଭୁତି ଭୂଷଣ ପଣ୍ଡା କପ୍ ପ୍ରଦାନ କରିଥିଲେ।

## ଆଦାନୀ କୌଶଳ ବିକାଶ କେନ୍ଦ୍ର ପୁରସ୍କୃତ

ଭଦ୍ରକ ଅଫିସ, ୨୦।୧

ଆଦାନୀ କୌଶଳ ବିକାଶ କେନ୍ଦ୍ରକୁ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ କୋଲକାତାଠାରେ ସ୍ୱତନ୍ତ୍ର ଜୁରୀ ମାନ୍ୟତା ପୁରସ୍କାର ମିଳିଛି। ଆଦାନୀ ଫାଉଣ୍ଡେସନ ପକ୍ଷରୁ ଦକ୍ଷତା ବିକାଶର ମୁଖ୍ୟ ଯତୀନ ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ପଶ୍ଚିମବଙ୍ଗ ରାଜ୍ୟ ମହିଳା ବିକାଶ ମନ୍ତ୍ରୀ ଡ. ଶଶୀ ପା ଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସିମ୍ୟୁଲେଟର ଆଧାରିତ କ୍ରେନ ପରିଚାଳନା, ୩ଡି ପ୍ରିଂ ଏବଂ ବର୍ତ୍ତମାନ ସମୟରେ ବୃଦ୍ଧି ଘଟୁଥିବା ଜ୍ଞାନକୌଶଳ ମାଧ୍ୟମରେ ୱେଲ୍ଡିଂ ଆଦି ଅଭିନବ ଏବଂ ଅଦ୍ୱିତୀୟ ପାଠ୍ୟକ୍ରମ ଆରମ୍ଭ କରିପାରିଥିବା ଆଦାନୀ କୌଶଳ ବିକାଶ କେନ୍ଦ୍ର(ଏଏସ୍‌ଡିସି) ଦେଶର ପ୍ରଥମ କୌଶଳ ବିକାଶ ସଂସ୍ଥାନ। ହ୍ୟାଣ୍ଡସ୍-ଅନ୍ ସ୍କିଲିଂ କାର୍ଯ୍ୟକ୍ରମ ୭୦



ଦକ୍ଷତା ବିକାଶର ମୁଖ୍ୟ ଯତୀନ ଦ୍ୱିବେଦୀ (ଡାହାଣରୁ ପ୍ରଥମ) ପୁରସ୍କାର ଗ୍ରହଣ କରୁଛନ୍ତି।

ପ୍ରତିଶତ ଅନୁପାତରେ ନିଯୁକ୍ତି ପ୍ରଦାନ କରିଥାଏ ଏବଂ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିଥାଏ। ୩୪ଟି ସରକାରୀ ପାଠ୍ୟକ୍ରମରେ ତାଲିମ ବ୍ୟତୀତ ୧୧ଟି ଏଏସ୍‌ଡିସି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଏହି କେନ୍ଦ୍ର ପ୍ରଦାନ କରିଥାଏ। ଆଦାନୀ ଫାଉଣ୍ଡେସନ ଅଧ୍ୟକ୍ଷ ଡ. ପ୍ରୀତି ଆଦାନୀ କହିଛନ୍ତି, ଭାରତର ଯୁବବର୍ଗଙ୍କୁ ଦକ୍ଷତା ସମ୍ପନ୍ନ କରିବା ଦିଗରେ ଆଦାନୀ କୌଶଳ ବିକାଶ କେନ୍ଦ୍ର ଅନନ୍ୟ। ନିଯୁକ୍ତି ଚାହୁଁଥିବା ଯୁବତୀ ଯୁବକଙ୍କ ଲାଗି ଏହି କେନ୍ଦ୍ର ମାଧ୍ୟମରେ ପ୍ରଶିକ୍ଷଣ ବେଶ୍ ଉପାଦେୟ ହୋଇପାରିଛି।

## ମୟୂରଭଞ୍ଜ

## ସ୍ୱାତୀଘାଟରେ ଦାମୋଦର ମେଳା



ଶ୍ରଦ୍ଧାଳୁମାନେ ସ୍ୱାତୀଘାଟରେ ପିଣ୍ଡଦାନ କରୁଛନ୍ତି।

ଠାକୁରମୁଣ୍ଡା, ୨୦।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ନିକଟ ବୈତରଣୀ ନଦୀର ସ୍ୱାତୀଘାଟରେ ରବିବାର ସାନ୍ତାଳ ସଂପ୍ରଦାୟ ଦାମୋଦର ମେଳାରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଝାଡଖଣ୍ଡ, ବିହାର ରାଜ୍ୟରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି ଦାମୋଦର ମେଳାକୁ ଅସ୍ଥି ବିସର୍ଜନ ମେଳା ମଧ୍ୟ କୁହାଯାଏ। ଏହି ଅବସରରେ ଏଠାରେ ଗ୍ରେଟ୍ ସାନ୍ତାଳୀ ମହୋତ୍ସବ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାରାଂବୁରୁ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରତିବର୍ଷ ପରି ଚଳିତବର୍ଷ ୭୩୫ ଅସ୍ଥି ବିସର୍ଜନ କରାଯାଇଥିବା ନେଇ ଆୟୋଜିତ କମିଟିର ସହ ସମ୍ପାଦକ ବସନ୍ତ ସୋରେନଠାରୁ ସୂଚନା ମିଳିଛି। ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ପୋଲିସ ଅଧିକାରୀ ବ୍ରଜମୋହନ ନାଏକ, ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ପରିଚାଳକ ମକର ମାଝୀ,ପୂର୍ବତନ ସମିତିସଭ୍ୟ ଅର୍ଜୁନ ବେହେରା, ଆୟୋଜକ ଆନପ୍ା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ । ସାନ୍ତାଳ ମାନଙ୍କ ଦ୍ୱାରା ସାମୂହିକ ପାରମ୍ପାରିକ ବାଦ୍ୟରେ ଶହ ଶହ ମହିଳା ଓ ପୁରୁଷ ଶେଷରେ ନୃତ୍ୟ ପରିବେଷଣ କରିଥିଲେ ।

# ୨୦ ଦିନରେ ୪ ନାବାଳିକା ବଳାତ୍କାରର ଶିକାର

- ବଳାତ୍କାରୀଙ୍କୁ ଗିରଫ କରି ଦାୟିତ୍ୱ ସାରୁଛି ପୋଲିସ
- ସମ୍ପର୍କୀୟ ତଥା ପରିଚିତ ବ୍ୟକ୍ତି କରୁଛନ୍ତି ବଳାତ୍କାର
- ଗ୍ରାମ ବୈଠକରେ ବିବାଦର ସମାଧାନ ଉଦ୍ୟମ

ବାରିପଦା ଅଫିସ, ୨୦।୧

ମୟୂରଭଞ୍ଜ ଜିଲାରେ କିଛି ଦିନ ହେବ ବଳାତ୍କାର ଘଟଣା ବୃଦ୍ଧି ପାଇଛି। ଗତ ୨୦ ଦିନ ମଧ୍ୟରେ ୪ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନେ ନାବାଳିକାଙ୍କ ସମ୍ପର୍କୀୟ କିମ୍ବା ପଡ଼ୋଶୀ ବୋଲି ପୋଲିସ କହିଛି। ବଳାତ୍କାର ଘଟଣା ପରେ ପ୍ରଥମେ ଗ୍ରାମ ସଭାରେ ଉକ୍ତ ବିବାଦର ସମାଧାନ ପାଇଁ ଚେଷ୍ଟା କରାଯାଉଛି। ଯଦି ସେହି ବିବାଦ ଗ୍ରାମ ସଭାରେ ସମାଧାନ ହୋଇପାରୁନାହିଁ ତେବେ ପୀଡିତାଙ୍କ ପରିବାର ଥାନାର ଦ୍ୱାରସ୍ଥ ହେଉଛନ୍ତି। ଅନ୍ୟପକ୍ଷେ ଗ୍ରାମସଭାରେ ଯଦି ଏପରି ବିବାଦର ସମାଧାନ ହୋଇଯାଉଛି ତେବେ ଉକ୍ତ ଘଟଣା ଥାନାକୁ ଆସୁନାହିଁ। ବରଂ ଲୋକଲଜ୍ୟା ଭୟରେ ଉକ୍ତ ବିବାଦକୁ ଚାପି ଦିଆଯାଉଥିବା ଅଭିଯୋଗ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ୨୦ ଦିନ ଭିତରେ ୪ଟି ବଳାତ୍କାର ମାମଲା ଥାନାରେ ରୁଜୁ ହୋଇଥିଲେ ମଧ୍ୟ ଏହି ସଂଖ୍ୟା ୧୦ରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି ।

ସୂଚନା ମୁତାବକ ଜାନୁୟାରୀ ୧ ତାରିଖ ସନ୍ଧ୍ୟାରେ ଚୈତନ୍ୟ ସିଂ ନାମକ ଜଣେ ଯୁବକ ତାଙ୍କ ସହଯୋଗୀଙ୍କ ସହିତ ଖୁଣ୍ଟା ଥାନା ଅଧୀନ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ସମ୍ପର୍କୀୟ ଝିଅ‌ାରି(୧୩)ଙ୍କୁ ତାଙ୍କ ମାଉସୀ ଡାକିଥିବା କହି ବାଇକରେ ବସାଇ ନେଇ ଆସିଥିଲେ। ହେଲେ ରାସ୍ତାର ଭିନ୍ନ ଭିନ୍ନ ସ୍ଥାନରେ ଚୈତନ୍ୟ ଓ ତାଙ୍କ ସହଯୋଗୀ ତାଙ୍କୁ ବଳାତ୍କାର କରିଥିଲେ। ତେବେ ନାବାଳିକା ଜଣକ କୌଶଳ କ୍ରମେ ସେମାନଙ୍କ ପାଖରୁ ଖସିଆସି ଉଦଳା ଥାନା ଅଧୀନ ପୁରୁଡିହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ନାବାଳିକା ସମସ୍ତ ଘଟଣା କହିବା ପରେ ସ୍ଥାନୀୟ ଲୋକେ ଚୌତନ୍ୟ ଓ ତାଙ୍କ ସହଯୋଗୀଙ୍କୁ କାବୁ କରି ନିୟୁକ ପିଟି କୁଶଳଦା ଫାଣ୍ଡିକୁ ଖବର ଦେଇଥିଲେ। ହେଲେ ଫାଣ୍ଡି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶେଷରେ ନାବାଳିକାଙ୍କ ବାପା ଗତ ୫ ତାରିଖରେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଚୈତନ୍ୟଙ୍କୁ ଗିରଫ କରିଥିଲା। ହେଲେ ଚୈତନ୍ୟଙ୍କ ସହଯୋଗୀ ଏବେ ବି ଫେରାର ଅଛନ୍ତି। ପୋଲିସ ତାଙ୍କୁ ଗିରଫ କରିପାରିନାହିଁ।

ବଡସାହି ଥାନା ଅଞ୍ଚଳରେ ଗତ ୧୫ ତାରିଖରେ ଜଣେ ୬ ବର୍ଷର ନାବାଳିକାଙ୍କୁ କମଳ ଲୋଚନ ସିଂ ନାମକ ଜଣେ ଯୁବକ ଚକୋଲେଟ ଦେବା ବାହାନାରେ ଜଙ୍ଗଲକୁ ଡାକି ନେଇ ବଳାତ୍କାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୋଲିସ କମଳଲୋଚନଙ୍କୁ ଗିରଫ କରିଛି। ସେଦିନ ବୈଶିଙ୍ଗା ଥାନା ଅଧୀନ ଏକ ଗ୍ରାମରେ ଜଣେ ୧୧ ବର୍ଷର ନାବାଳିକା ଶୌଚ ହେବାକୁ ଯାଇଥିବା ବେଳେ ଲିପା ମାରାଣ୍ଡି ନାମକ ଜଣେ ଯୁବକ ତାଙ୍କୁ ବଳ ପୂର୍ବକ ଉଠାଇ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କୁ ଖୋଜି ଖୋଜି ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ଅଭିଯୁକ୍ତ ଲିପାଙ୍କୁ କାବୁ କରି ପିଟିଥିଲେ । ତା'ପରଦିନ ଗ୍ରାମରେ ଏକ ବୈଠକ ବସିଥିଲା। ଏହି ବିବାଦର ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ନାବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିବାରୁ ତାଙ୍କୁ ବେତନଟି ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ଉକ୍ତ ଘଟଣା ପଦାକୁ ଆସିଥିଲା। ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଲିପାଙ୍କୁ ଗିରଫ କରିଥିଲା।

ଗତ ୧୬ ତାରିଖ ବାରିପଦା ସଦର ଥାନା ଅଧୀନ ବାଉରା ଗ୍ରାମରେ ଜଣେ ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ପାଇ ଯୋତା ମୁର୍ମୁ ନାମକ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଘର ଲୋକେ ଏ କଥା ଜାଣିବା ପରେ ଗ୍ରାମସଭାରେ ଏହି ବିବାଦର ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ଗ୍ରାମସଭାରେ କୌଣସି ସୁଫଳ ନ ମିଳିବାରୁ ପିଡିତାଙ୍କ ପରିବାର ପକ୍ଷରୁ ଶନିବାର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଯୋତା ମୁର୍ମୁଙ୍କ ଗିରଫ କରିଛି। ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଅନ୍ୟ ୩ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି।

ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ବଳାତ୍କାର କରିଥିବା ପୋଲିସ ତଦନ୍ତରୁ ଜଣାପଡିଛି । ଅନ୍ୟପକ୍ଷେ ଅଭିଯୁକ୍ତମାନେ ନାବାଳିକାଙ୍କ ସମ୍ପର୍କୀୟ ହୋଇଥିବାରୁ ସେମାନଙ୍କୁ ଅବିଶ୍ୱାସ କରିପାରୁ ନ ଥିବାରୁ ଏପରି ଘଟଣା ଘଟୁଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ଏସମ୍ପର୍କରେ ମୟୂରଭଞ୍ଜ ଏସ୍‌ପି ଅବିନାଶ କୁମାରଙ୍କ ସହିତ ଆଲୋଚନା କରିବାରୁ ଜିଲାରେ ଘଟିଥିବା ବଳାତ୍କା ମାମଲା ଗୁଡ଼ିକ ନିହାତି ଦୁଃଖଦ ଘଟଣା। ପୀଡ଼ିତାଙ୍କ ପରିବାର ପ୍ରତି ପୋଲିସର ସମବେଦନା ରହିଛି। ତେବେ ସମସ୍ତ ଥାନା ସ୍ତରରେ ପୋଲିସ ଶିବିର ଜରିଆରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଆଗକୁ ଗ୍ରାମାଞ୍ଚଳ ସ୍ତରରେ ଅଧିକ ସଚେତନା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

### ■ ଜାତୀୟ ଯୋଗାସନ ପ୍ରତିଯୋଗିତା

## ରାଜ୍ୟ ଟିମ୍‌ର ମୟୂରଭଞ୍ଜର ୯ ଖେଳାଳି

ବାରିପଦା ଅଫିସ,୨୦।୧

ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ଠାରେ ଆସନ୍ତା ୨୯ ତାରିଖରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଜାତୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ମୟୂରଭଞ୍ଜ ଜିଲାର ୯ ଜଣ ଖେଳାଳି ଓଡ଼ିଶା ଟିମ ପାଇଁ ଚୟନ ହୋଇଛନ୍ତି। ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗର ରୁପାୟ ମାଝୀ, ପ୍ରକାଶ ବେହେରା, ଅଜୟ ଦିଗାର ଏବଂ ବାଳିକା ବିଭାଗରେ ସିନିଗି ମୁର୍ମୁ, ସୁଭଦ୍ରା ହେମ୍ବ୍ରମ ଏବଂ ମାଳତି ସିଂ। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ତପନ ସିଂ ଏବଂ ବାଳିକା ବିଭାଗରେ ରଶ୍ମିତା ନନ୍ଦି। ଓଡ଼ିଶା ଟିମରେ ମୟୂରଭଞ୍ଜ ଜିଲା ବଡଯୋଡ




ଖେଳାଳିବୃନ୍ଦ ଓ ଅନ୍ୟମାନେ।

ସ୍ଥିତ ବନସ୍ଥଳୀ ଉଚ୍ଚ ବିଦ୍ୟାଳୟର ପିଇଟି ନଳିନି ସେନାପତିଙ୍କୁ ବାଳକ ପ୍ରଶିକ୍ଷକ ଏବଂ ଶିରିଶବଣୀ ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ପିଇଟି ମୋନା ଦାସଙ୍କୁ ବାଳିକା ପ୍ରଶିକ୍ଷକ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଛି। ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭାଗିରଥୀ ମଲିକ, ଜିଲା ଶାରିରୀକ ଶିକ୍ଷା ସଂଘର ଉପସଭାପତି ମିନତୀ ଜେନା, ଯୁଗ୍ମ ସମ୍ପାଦକ ଦୀପକ ରାମ, ନାଦିଆ ଦାସ, ମାନସ ରଞ୍ଜନ ବାରିକ, ଧୃବେନ୍ଦ୍ର ଭଦ୍ର, ମତାକ୍ଷୀ ମହାନ୍ତି, ସାମାଜିକ କର୍ମୀ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସେଲ୍‌ଫି ନେଉଥିବା ବେଳେ ପାହାଡ଼ରୁ ଖସି ଯୁବକ ଗୁରୁତର

ବାଙ୍ଗିରିପୋଷି,୨୦।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅ'ର୍ଗତ ଦ୍ୱାରଶୁଣି ଘାଟି ମେଳାରେ ରବିବାର ପାହାଡ ଉପରେ ସେଲ୍‌ଫି ଉଠାଉଥିବା ବେଳେ ଖସିପଡି କୁନା ମହାନ୍ତ ନାମକ ଯୁବକ ଗୁରୁତର ଆହତ ହୋଇଛି। ତାଙ୍କ ଘର ବେତନଟି ଥାନା ଅନ୍ତର୍ଗତ ନହଡାଶୋଳ ଗ୍ରାମରେ। ଦ୍ୱାରଶୁଣି ପୀଠଠାରେ ମକର ମେଳା ଦେଖିବାକୁ ଯାଇଥିଲେ। ସେଠାରେ ପାହାଡ ଚଢିବାର ପ୍ରଥା ରହିଛି। ତେବେ ଅଜାଣତରେ ତାଙ୍କ ଗୋଡ ଖସିଯିବାରୁ ସେ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ପଛରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବାରିପଦା ପିଆରଏମ ମେଡିକାଲକୁ ପଠାଯାଇଛି।

### ■ ବିର୍ସାବୀର ଆଥଲେଟିକ୍ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସାରସକଣା ୫-୪ ଗୋଲରେ ଚାମ୍ପିୟନ

ଉଦଳା, ୨୦।୧ (ଡି.ଏନ.ଏ.)

ଉଦଳା ଏନଏସିସ୍ଥିତ ଜଗନ୍ନାଥ ଫୁଟବଲ୍ ପଡିଆରେ ୨୦ ତମ ବିର୍ସାବୀର ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଟୁର୍ନାମେଣ୍ଟରେ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାରୁ ୧୬ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ହାଁସଦା ଗାଜଲ ସାରସକଣା ଏବଂ ୩ୱାଇ ଗାଲାକ୍ସି ଗଡିଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କେହି ଗୋଲ୍ ଦେଇ ନ ପାରିବାରୁ ଟ୍ରାଇ ବ୍ରେକର ଜରିଆରେ ସାରସକଣା ଦଳ ୫-୪ ଗୋଲରେ ଚାମ୍ପିୟନ୍ ହୋଇଛି। ସୁନାରାମ ସୋରେନ୍ ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣୀ ସଭାରେ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଦାସ ମାଝୀ, ଉଦଳା ବ୍ଲକ



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଓ ରନର୍ସଅପ୍ ଦଳର ଖେଳାଳି।

ପୂର୍ବତନ ଚେୟାରମ୍ୟାନ ଦୁଲାଲ ସୋରେନ୍, ସୁବଳ ବାନାର୍ଜୀ ଯୋଗ ଦେଇଥିଲେ। କ୍ଲବ ସମ୍ପାଦକ ରାମହରି ସୋରେନ୍ ଏବଂ ସଭାପତି ଅମୀୟ କୁମାର ବଳ ପ୍ରମୁଖ ଚାମ୍ପିୟନ୍ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ । ବିର୍ସାବୀର ଆଥଲେଟିକ କ୍ଲବ ତରଫରୁ ଏକ ମାରାଥନ ଦୌଡ ସକାଳ ୭ଟାରେ ସ୍ଥାନୀୟ କଲେଜ ଷ୍ଟାଡିୟମ୍ ଠାରୁ ବାହାରି ସହର ପରିକ୍ରମା ପରେ ଜଗନ୍ନାଥ ଫୁଟବଲ୍ ପଡିଆ ଠାରେ ପହଞ୍ଚିଥିଲା । ଏହି ଦୁଇ ଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡାପ୍ରେମୀ ଫୁଟବଲ୍ ପଡିଆରେ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଜାନୁୟାରୀ ୨୧/୨୦୧୯ Balasore, Monday, January 21/ 2019

# ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଚୋରି

**ଉଦଳା,୨୦।୧(ଡି.ଏନ.ଏ.)**

■ ଲୁଟି ନେଲେ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର

■ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ମୟୂରଭଞ୍ଜ ଜିଲା ଉଦଳା ଏନଏସିର ୧୨ ନଂ ୱାର୍ଡରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଘରେ ଶନିବାର ବିଳମ୍ବିତ ରାତିରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ନଗଦ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଉଦଳା ପୋଲିସ୍ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ତଦନ୍ତ କରୁଛି। ଜଗତାନନ୍ଦ ଶତପଥୀ ଗତ ୪ ଦିନ ହେବ ନିଜ ଘରେ ନ ଥିଲେ। କୌଣସି କାମରେ ସେ ବାହାରକୁ ଯାଇଥିବା ବେଳେ ରବିବାର ସକାଳେ ଘରକୁ ଫେରି ଘରର ମୁଖ୍ୟ ଗେଟ୍ ତାଲା ଖୋଲିବାକୁ ଯାଉଥିବା ବେଳେ ମୁଖ୍ୟ ଗ୍ରୀଲଟି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ପରେ ଘର ଭିତରେ ମଧ୍ୟ ସମସ୍ତ ଗଡରେଜ୍, ଆଲମାରି ଆଦି ଖୋଲା ହୋଇଥିବା ସହିତ ଆସବାବପତ୍ର ଏପଟ ସେପଟ ହୋଇ ପଡିଥିବା ଦେଖିଥିଲେ। ଏଥିରୁ ତାଙ୍କ ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ପରେ ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ଘରୁ ନଗଦ ୨ ଲକ୍ଷ ୨୦ ହଜାର ଟଙ୍କା ଏବଂ ୨୫୦ ଗ୍ରାମ୍‌ର ସୁନା ଅଳଙ୍କାର ସହିତ ଏକ ଲାପଟପ୍ ଚୋରି ହୋଇଛି । ପୋଲିସ୍‌ର ତଦନ୍ତ ଆରମ୍ଭ ହୋଇଥିଲେ ସୁଦ୍ଧା ପୋଲିସ୍ ଏହି ଘଟଣାରେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନି।

# କାର୍ଯ୍ୟରୁ ୨୮ ଜିଆର୍‌ଏସ୍ ବହିଷ୍କୃତ

**ହାଟଡିହୀ,୨୦।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ୩୧ ପଞ୍ଚାୟତର ଜିଆରଏସ୍‌ଙ୍କ ମଧ୍ୟରୁ ୨୮ ଜଣ କାର୍ଯ୍ୟରୁ ବହିଷ୍କୃତ ହୋଇଛନ୍ତି। ହାଟଡିହୀ ବିଡିଓ ସୁଶାନ୍ତ କୁମାର ବାରିକ ଚିଠି ନଂ ୨୨୬/୧୬।୦।୧୯ ଅନୁଯାୟୀ ଏହି ବହିଷ୍କାର ନିର୍ଦ୍ଦେଶ ରହିଛି। ଏଥିସହ ସମସ୍ତ ଅଫିସ ସମ୍ବନ୍ଧୀୟ କାଗଜପତ୍ର ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ପ୍ରଦାନ ପାଇଁ ନିର୍ଦ୍ଦେଶ ଜାରି ହୋଇଛି।

# ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**କେନ୍ଦୁଝର, ୨୦।୧(ସ୍ୱ.ପ୍ର.)**

ସଦରଥାନା ଅନ୍ତର୍ଗତ ଜାଗର ଗ୍ରାମ ନିକଟରେ ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ଆହତ ଚିକିତ୍ସାଧୀନ ଯୁବକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଶତ୍ରୁଘ୍ନ ସାହୁ। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତ ସେପ୍ଟେମ୍ବରରେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦିଆଯିବାକୁ ଦାବି ହେଉଛି।




# ଯମୁନା ନଦୀରେ ଭାସିଗଲେ ଯୁବକ

**ରୂପ୍‌ସା, ୨୦।୧(ଡି.ଏନ.ଏ.)**


ଦିଲୀପ ନାୟକ

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମ ସିମୁଳିଆ ଗ୍ରାମର ଯୁବକ ଦିଲୀପ କୁମାର ନାୟକ (୩୬) ହରିୟାଣାର ଯମୁନା ନଦୀରେ ଭାସିଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଯମୁନାନଗର ଥାନା ପୋଲିସ୍ ତଦନ୍ତ ଜାରି ରଖିଛି। ଦିଲୀପ ୩ବର୍ଷ ଧରି ହରିୟାଣା ଯମୁନାନଗରସ୍ଥିତ ତରସ୍ ପ୍ଲାଏ ବୋର୍ଡ଼ କମ୍ପାନୀରେ ଚାକିରି କରୁଥିଲେ। ଶନିବାର ସାଙ୍ଗମାନଙ୍କ ସହ ସେ ଯମୁନା ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ସେ ନଦୀ ସୁଅରେ ଭାସି ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ ସାଙ୍ଗ ଟେଲିଫୋନ୍ ଯୋଗେ ଦିଲୀପ୍‌ଙ୍କ ଘରକୁ ଜଣାଇବା ସହ ଯମୁନାନଗର ଥାନାରେ ଅଭିଯୋଗ କରିଥିଲେ। ଏଯାବତ୍ ନିଖୋଜ ଯୁବକଙ୍କ ପତ୍ତା ମିଳି ନାହିଁ।

■ ସୁନା ଦୋକାନୀଙ୍କୁ ଆକ୍ରମଣ

# ଟଙ୍କା, ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ତିହିଡ଼ି, ୨୦।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଦ୍ୟାଧରପୁର ଗ୍ରାମର ଅଭିରାମ କୁଣ୍ଡ ନାମକ ଜଣେ ସୁନା ଦୋକାନୀଙ୍କୁ ଶନିବାର ରାତିରେ ଆକ୍ରମଣ କରାଯାଇଛି। ଏଥିସହ ଦୁର୍ବୃତ୍ତମାନେ ଅଭିରାମଙ୍କଠାରୁ ଟଙ୍କା, ସୁନା ଓ ରୁପା ଅଳଙ୍କାର ଲୁଟ୍ ନେଇଯାଇଛନ୍ତି। ଅଭିରାମ ବିଲଣାସ୍ଥିତ ତାଙ୍କ ସୁନା ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ବିଲଣା–ବାରୋ ରାସ୍ତାରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରି ଆକ୍ରମଣ କରିଥିଲେ। ସେମାନେ ତାଙ୍କଠାରୁ ୬ ହଜାର ଟଙ୍କା ସହ ଅଳଙ୍କାର ଲୁଟ୍ କରି ନେଇଯାଇଥିଲେ। ସେ ଏନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଆହତ ହୋଇ ଅଭିରାମ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଡମ୍ଫର ଧକ୍କାରେ ଜଣେ ମୃତ

**ସଜନାଗଡ଼, ୨୦।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ମିତ୍ରପୁର–କାଂଶ ରାସ୍ତାର କାଠପାଳ ପୋଲ ନିକଟରେ ଏକ ବାଲି ବୋଝେଇ ଡମ୍ଫର ଧକ୍କାରେ ତେଣ୍ଡା ଗ୍ରାମର ନରହରି ସିଂ ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ପରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେଠାର ନରହରିଙ୍କ ବାମ ଗୋଡ଼ ହରାଇଲା ପରେ ମୃତ୍ୟୁ ସହିତ ସଂଗ୍ରାମ କରିଥିଲେ। ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଛି। ନ୍ୟାୟ ପାଇଁ ମୃତ ନରହରିଙ୍କ ସାନଭାଇ ଲାଲମୋହନ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଘର ପୋଡ଼ି, ବ୍ୟାପକ କ୍ଷୟକ୍ଷତି

ଯୋଡ଼ା, ୨୦।୧(ଡି.ଏନ.ଏ.):ଯୋଡ଼ା ପୌରପାଳିକାର ୱାର୍ଡ ନଂ ୩ କୁନ୍ଦୁରୁନାଲାରେ ରବିବାର ଜଣଙ୍କ ଘରେ ସର୍ଟସର୍କିଟ୍‌ରୁ ନିଆଁ ଲାଗି ଯାଇଥିଲା। ଘର ପୋଡ଼ି ଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉକ୍ତ ୱାର୍ଡର ଚା' ଦୋକାନୀ ସରୋଜ ପଣ୍ଡିତଙ୍କ ଘରେ ନିଆଁ ଲାଗି ଯାଇଥିଲା। ଘରେ କେହି ନ ଥିବା ବେଳେ ଅଗ୍ନିକାଣ୍ଡ ଘଟି ଘରର ଶତକଡା ୫୦ ପ୍ରତିଶତ ପୋଡି ଯାଇଛି। ଘରେ ଥିବା ମୂଲ୍ୟବାନ ଆସବାବପତ୍ର, ବ୍ୟାଙ୍କ ଏଟିମ୍ କାର୍ଡ, ଗ୍ୟାସଚୁଲା, ଦରକାରୀ କାଗଜପତ୍ର ସହ ନଗଦ ୨୦ ହଜାର ଟଙ୍କା ପୋଡ଼ି ହୋଇଯାଇଥିବା ସରୋଜ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ କରିଥିଲେ।

### ଚମ୍ପୁଆରେ କମୁଛି ବିଦେଶୀ ପକ୍ଷୀଙ୍କ ସଂଖ୍ୟା

ଚମ୍ପୁଆ,୨୦।୧(ଡି.ଏନ.ଏ.): ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷରେ ଚମ୍ପୁଆ ରେଞ୍ଜରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା କମିଥିବା ଦେଖିବାକୁ ମିଳିଛି। ଖାଦ୍ୟ ଓ ଜଳ ପାଇଁ ଏହି ପକ୍ଷୀ ସଂଖ୍ୟା କମିଥିବା ରେଞ୍ଜର ଘନଶ୍ୟାମ ବାରିକ ସୂଚନା ଦେଇଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ନଭେମ୍ବରରୁ ଜାନୁୟାରୀ ମଧ୍ୟରେ ପ୍ରତେକ ବର୍ଷ ଏହି ବିଦେଶୀ ପକ୍ଷୀ ଓଡ଼ିଶା ଆସୁଛନ୍ତି। ଚମ୍ପୁଆ ରେଞ୍ଜର ଟାଟାଷ୍ଟିଲ ସ୍ଲିମ ପଣ୍ଡଠାରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ। ଖାଦ୍ୟ ଓ ଜଳ ସହିତ ପରିବେଶ ଖାପଖୁଆଉଥିବାରୁ ପକ୍ଷୀଗୁଡିକ ସ୍ଲିମପଣ୍ଡକୁ ଆସିଥାଆନ୍ତି। ଗତ ୨୦୧୭ ମସିହାରେ ୪୩୪ ଗୋଟି ପକ୍ଷୀ, ୨୦୧୮ରେ ୫୨୩ ଗୋଟି ପକ୍ଷୀ ଆସିଥିବା ବେଳେ ଚଳିତ ୨୦୧୯ ମସିହାରେ ଜାନୁୟାରୀ ୩ ତାରିଖରେ ଚମ୍ପୁଆ ରେଞ୍ଜ ପକ୍ଷରୁ କରାଯାଇଥିବା ପକ୍ଷୀ ଗଣନା ଅନୁସାରେ ମାତ୍ର ୩୬ ଗୋଟି ବିଦେଶୀଗତ ପକ୍ଷୀଙ୍କ ଆଗମନ ହୋଇଛି। ଚଳିତ ବର୍ଷ ହଂଶରାଳି ପ୍ରଜାତିର ୨୫ଟି, ଟେଣ୍ଟେଇ ପ୍ରଜାତିର ୫ଟି, ପାଣି ଡୁବୁକି ପ୍ରଜାତିର୨ଟି ଓ କାଦ ଖୁମ୍ପି ପ୍ରଜାତିର ୪ଗୋଟି ପକ୍ଷୀଙ୍କ ଆଗମନ ହୋଇଥିଲା।

# ମାନସିକ ଚାପରେ ଛାତ୍ରୀ

- ଠିକ୍ ସମୟରେ ସ୍କୁଲ ଫି ଦିଆ ଯାଇ ନ ଥିବାରୁ ପରୀକ୍ଷା ହଲରୁ ତଡ଼ିଦେଲେ ଶିକ୍ଷୟିତ୍ରୀ
- ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ବାପା

ଆନନ୍ଦପୁର, ୨୦।୧(ସ୍ୱ.ପ୍ର.)

ଗରିବ ବାପା ଠିକ ସମୟରେ ସ୍କୁଲ ଫି ଦେଇ ପାରି ନ ଥିବାରୁ ଜଣେ ୯ମ ଶ୍ରେଣୀର ଛାତ୍ରୀଙ୍କୁ ପରୀକ୍ଷା ହଲରୁ ଅପମାନିତ କରି ତଡି ଦିଆଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣଙ୍କ ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ମାନସିକ ଚାପରେ ରହିଛନ୍ତି। ଦୁଇ ଦିନ ଖାଇବା ପିଇବା ଛାଡି ଦେବାଥିବା ଛାତ୍ରୀଙ୍କ ବାପା କହିଛନ୍ତି। ଆନନ୍ଦପୁର ପୌରପରିଷଦ ଫକିରପୁରରେ ସେଣ୍ଟ ଜାଭିୟର ହାଇସ୍କୁଲରେ ଗତ ୧୫ରେ ସ୍କୁଲରେ ପିରିଅଡିକାଲ ପରୀକ୍ଷା ଆରମ୍ଭ ହୋଇଥିଲା। ଫକୀରପୁର ଗ୍ରାମ ପ୍ରଶାନ୍ତ ଦାସଙ୍କ ଝିଅ ସୁଲଗ୍ନା ପରୀକ୍ଷା ଦେବା ପାଇଁ ହଲରେ ପ୍ରବେଶ କରିଥିଲେ। ସୁଲଗ୍ନାଙ୍କୁ କ୍ଲାସର ସମସ୍ତ ପିଲାଙ୍କ ସହ ପରୀକ୍ଷାରେ ବସାଯାଇ ପ୍ରଶ୍ନପତ୍ର ଦିଆଯାଇଥିଲା। ଉତ୍ତର ଲେଖିବା ପୂର୍ବରୁ ସ୍କୁଲର ଜଣେ ଶିକ୍ଷୟିତ୍ରୀ ତାଙ୍କଠାରୁ ପ୍ରଶ୍ନପତ୍ର ଛଡାଇନେବା ସହ ସମ୍ପୂର୍ଣ୍ଣ ସ୍କୁଲ ଫିସ୍ ଦେଲେ ପରୀକ୍ଷା ଦେବ ବୋଲି କହି ଅପମାନିତ କରି ତଡି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଖବରପାଇ ଆନନ୍ଦପୁର ଚାଇଲ୍ଡଲାଇନ୍ ସଦସ୍ୟ ଆଇନଜୀବୀ ଭାଗିରଥି ଦାଶ ଓ ଅନ୍ୟ ସଦସ୍ୟ ଆକ୍ରୋଶର ଶିକାର ହୋଇଥିବା ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଭେଟି ଥିଲେ। ବିଦ୍ୟାଳୟ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଭେଟିଥିଲେ। ବିଦ୍ୟାଳୟର ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷୟିତୀ ଏହି ଘଟଣାକୁ ଅସ୍ୱୀକାର କରିଛନ୍ତି। ଅନ୍ୟ ଜଣେ ଶିକ୍ଷୟିତ୍ରୀ ଏହି ଘଟଣାର ସତ୍ୟତା ରହିଥିବା କଥା ପ୍ରକାଶ କରିଥିବା ଚାଇଲ୍ଡଲାଇନ୍ ସଦସ୍ୟ ଦାଶ ସୂଚନା ଦେଇଛନ୍ତି।

ଛାତ୍ରୀଙ୍କ ବାପା ପ୍ରଶାନ୍ତ ଅଭିଯୋଗ କରିଛନ୍ତି ଯେ, ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ସ୍କୁଲ କର୍ତ୍ତୃପକ୍ଷ ବାକିଟଙ୍କା ମଧ୍ୟରୁ ୫ ହଜାର ଟଙ୍କା ଦେଲେ ପରୀକ୍ଷା ଦେଇ ପାରିବ ବୋଲି କହିଥିଲେ। ସେତକ ମଧ୍ୟ ଯୋଗାଡ ହୋଇ ନ ପାରିବାରୁ ୩ ହଜାର ୫ ଶହ ଟଙ୍କା ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦିଆ ଯାଇଥିଲା। ସମ୍ପୃକ୍ତ ଟଙ୍କା ରଖି ରସିଦ୍ ଦିଆ ଯାଇଥିଲା। ପରବର୍ତ୍ତୀ ସମୟରେ ବାକି ଟଙ୍କା ଦିଆଯିବ ବୋଲି କହିବା ପରେ ଝିଅକୁ ପରୀକ୍ଷା ହଲ୍‌କୁ ପ୍ରବେଶ କରାଇଥିଲା। କେଉଁ କାରଣରୁ ଝିଅକୁ ପରୀକ୍ଷା ହଲରୁ ବିତାଡିତ କରାଗଲା ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଘଟଣାକୁ ଅସ୍ୱୀକାର କରିଛନ୍ତି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ତନ୍ମୟ ବିଶୋଇ କହିଛନ୍ତି ଯେ, ସମ୍ପୃକ୍ତ ସ୍କୁଲ କେବଳ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅନୁମୋଦନ ପାଇଛି। ୯ମ ଓ ୧୦ମ ପାଇଁ କେବଳ କୋଚିଂ କ୍ଲାସ ହେଉଛି। ଏ ନେଇ ପ୍ରଶାନ୍ତ ଘଟଣା ଦିଗରେ ତଦନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ, ଗଣଶିକ୍ଷା ବିଭାଗ ସଚିବ, ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ, କେନ୍ଦୁଝର ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଡିପିସି, ଆନନ୍ଦପୁର ଉପଜିଲାପାଳ ଏବଂ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।


ଛାତ୍ରୀ ସୁଲଗ୍ନାଙ୍କ ସହ ତାଙ୍କ ମା'ବାପା।

# ବନବାସୀଙ୍କ ପ୍ରିୟ କୁରୁକୁଟି କାଇ

କେନ୍ଦୁଝର, ୨୦।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ବନବାସୀ ସମ୍ପ୍ରଦାୟର ଲୋକେ ଜଙ୍ଗଲ ଜୀବିକା ଉପରେ ନିର୍ଭରଶୀଳ। ଆଦିବାସୀ ଲୋକଙ୍କ ଚାଲିଚଳନ, ବେଶଭୂଷାସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ସେମାନଙ୍କ ଖାଦ୍ୟପେୟ ମଧ୍ୟ ଟିକେ ନିଆରା ହୋଇଥାଏ। ବିଭିନ୍ନ ପ୍ରକାର ଫଳମୂଳ ସହିତ କୀଟପତଙ୍ଗ ସଂଗ୍ରହ କରିଥାନ୍ତି। ତନ୍ମଧ୍ୟରୁ କୁରୁକୁଟି କାଇ ଅନ୍ୟତମ । ଏହା ହେଉଛି ବଡ ନାଲି ପିମ୍ପୁଡି। ବିଶେଷ କରି ଶାଳ ଗଛରେ କୁରୁକୁଟି ବସା କରିଥାନ୍ତି। ପତ୍ରକୁ ନିଜର ଲାଳରେ ବାନ୍ଧି ବସା ତିଆରି କରି ସେଥିରେ ଅଣ୍ଡା ଦେଇଥାନ୍ତି। ଏହି ଅଣ୍ଡାକୁ ସେମାନେ ଭାତ ବୋଲି ମଧ୍ୟ କହିଥାନ୍ତି। ଏହାକୁ ବନବାସୀ ସଂଗ୍ରହ କରି ଖାଦ୍ୟ ଭାବେ ବ୍ୟବହାର କରିଥାନ୍ତି। ଏହାର ସ୍ୱାଦ ଆମ୍ବିଳା, ଏଣୁ ଏହାକୁ ଅନେକ ଲଙ୍କା, ଲୁଣ ପକାଇ ଛେଚି ପଖାଳ ସହିତ ଖାଇଥାନ୍ତି। ଅନେକ ଏହାକୁ ଆଚାର କରି ସାଇତି ରଖି ଖାଇଥାନ୍ତି ବୋଲି ରାମ ମୁଣ୍ଡା କହିଛନ୍ତି।

ଏହି କୁରୁକୁଟି ବା କାଇ ହେଉଛି ବନବାସୀଙ୍କ ପାରମ୍ପାରିକ ଖାଦ୍ୟ। କାହିଁ କେଉଁ ବର୍ଷରୁ ଖାଇଆସୁଛନ୍ତି। ଏହି ପିମ୍ପୁଡି ଅନ୍ୟ ମାନଙ୍କ ଭଳି କାମୁଡି ଥାଏ। ସତର୍କତାର ସହ ଗଛ ଉପରେ ଉଠି ଏହାକୁ ସଂଗ୍ରହ କରିଥାନ୍ତି। କୁରୁକୁଟିର ଚାହିଦା ଆଦିବାସୀ ଅଞ୍ଚଳ ସମେତ ସହରାଞ୍ଚଳରେ ମଧ୍ୟ ରହିଛି। ଭାଗ ୧୦ ଟଙ୍କାରେ ବିକ୍ରି କରିଥାନ୍ତି ବୋଲି ସେମାନେ କହିଛନ୍ତି। କେବଳ ଆଦିବାସୀ ନୁହେଁ ଅଣଆଦିବାସୀ ଲୋକ ମାନେ ମଧ୍ୟ ଏହାକୁ ଖାଇଥାନ୍ତି। ଏଥିରେ ଔଷଧୀୟ ଗୁଣ ରହିଥିବାରୁ ଏହାକୁ ଅନେକ ଔଷଧ ହିସାବରେ ମଧ ଖାଇଥାନ୍ତି ବୋଲି ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି।

# 'ଆବାସିକ ବିଦ୍ୟାଳୟ ଖୋଲାଯାଉ'

ହାଟଡ଼ିହୀ, ୨୦।୧(ଡି.ଏନ.ଏ.)

ସରକାର ଆଦିବାସୀଙ୍କ ସହ ଅନୁସୂଚିତ ଜାତିଜନଜାତି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଇ ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ସୁସ୍ଥ ଓ ଉନ୍ନତ ସମାଜ ଗଠନ କରିବାକୁ ପ୍ରୟାସ କରାଯାଉଛି। ହାଟଡିହୀ ବ୍ଲକର ଆଦିବାସୀ ବହୁଳ ପଡ଼ିଆରୀପଲୀ ପଞ୍ଚାୟତରେ ଏକ ଆବାସିକ ବିଦ୍ୟାଳୟ ଖୋଲାଯାଉ ନ ଥିବାରୁ ଗରିବ ଶ୍ରେଣୀର ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଞ୍ଚାୟତର ପଡ଼ିଆରୀପଲୀ ନୋଡ଼ାଲ, ବଣିଆପଙ୍କ ନୋଡ଼ାଲ, ବଣିଆପଙ୍କ ମଢ଼େଇସାହି, ଜଡ଼ାବାଙ୍କ, ଦନେଇପୁର, ମହୁଲପଙ୍କା, କାହାଳିଆଗଡ଼ିଆ, କୁରାଡ଼ିଘସା, ଆତୁରିକଣା, ଝୁଣାବାଡ଼ି, ଅନ୍ଧାରୀମାଝୀ ସାହିରେ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ୩ ଶହରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଶିକ୍ଷାଦାନ କରୁଛନ୍ତି। ଆବାସିକ ବିଦ୍ୟାଳୟରେ ଶିକ୍ଷାଦାନ କଲେ ରହିବା ଖାଇବା ଓ ଶିକ୍ଷାଦାନ ମାଗଣାରେ ରହୁଛି। ଏ ନେଇ ବହୁ ଗରିବ ଶ୍ରେଣୀର ଅଭିଭାବକ ଆବାସିକ ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି।

ବଣିଆପଙ୍କ ଗ୍ରାମଟି ୭୦ ଭାଗରୁ ଉର୍ଦ୍ଧ୍ୱ ଲୋକ ଆଦିବାସୀ ଶ୍ରେଣୀର । ସେହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଉଛି । ସେହିପରି ପଡ଼ିଆରୀପଲୀ ନୋଡ଼ାଲ ବିଦ୍ୟାଳୟରେ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଥିବା ବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ସେହି ପଞ୍ଚାୟତରେ ଏକ ଆବାସିକ ବିଦ୍ୟାଳୟ ଖୋଲି ଆଦିବାସୀ ଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦେଇ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ବୁଦ୍ଧିଜୀବୀ ବୃନ୍ଦାବନ ରାଉତ, ଆନନ୍ଦ ଚନ୍ଦ୍ର ରାଉତ, ସନାତନ ରାଉତ, ଅମୂଲ୍ୟ ରାଉତ, ନଟବର ରାଉତ, ନଳିନୀକାନ୍ତ ରାଉତ ପ୍ରମୁଖ ଦାବି କରିଛନ୍ତି ।

# ଚାଷୀ ସମାବେଶ କରିବ କଂଗ୍ରେସ


ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

ଆନନ୍ଦପୁର, ୨୦।୧(ସ୍ୱ.ପ୍ର.)

ଆନନ୍ଦପୁରର ଶାଳପଡ଼ା ଜଳସମ୍ପଦକ ବିଭାଗ ଡାକବଙ୍ଗଳାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ଦ୍ୱାରା ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୩ରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଏକ ବିଶାଳ ଚାଷୀ ସମାବେଶ ସହ ଜନଜାଗରଣ ସଭା ଅନୁଷ୍ଠି ହେବାକୁ ସୂଚନା ଦିଆଯାଇଛି। ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଦଳ ପ୍ରବକ୍ତା ସତ୍ୟ ପ୍ରକାଶ ନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗ ଦେବେ ବୋଲି ସୂଚନା ମିଳିଛି। ସମାବେଶରେ ଚାଷୀଙ୍କ ସମସ୍ୟା ଓ ଅଞ୍ଚଳର ଉନ୍ନତି ଦିଗରେ ଗୁରୁତ୍ୱାରୋପ କରାଯିବା ନେଇ ଜୟଦେବ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଦସ୍ୟ ନିକୁଞ୍ଜ ବିହାରୀ ମିଶ୍ର, ଆନନ୍ଦପୁର ନଗର ଉପସଭାପତି ହାଡିବନ୍ଧୁ ଖୁଣ୍ଟିଆ, ଯୁବ ନେତା ମୁରଲୀଧର ମିଶ୍ର ପ୍ରମୁଖଙ୍କ ସହ କର୍ମୀ ଉପସ୍ଥିତ ଥିଲେ।


